ଶନିବାର, ୭ ଡିସେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years







## ଖିଲି ଖିଲି ହସ

ରାଜୁ: ଆରେ,ବିଜୁ ତୋତେ ଯେତେବେଳେ ଶୀତ ଲାଗେ ତୁ କ'ଣ କରୁ ?

ବିଜୁ: ମୁଁ ହିଟର ପାଖରେ ବସେ।

ରାଜୁ: ଯଦି ପୁଣି ଥଣ୍ଡା ଲାଗେ ତେବେ କ'ଣ କରୁ ?

ବିଜୁ: ମୁଁ ହିଟର ସୁଇଚ୍ ଅନ୍ କରେ।

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପଚାରିଲେ, ଶାହାଜାହାନ କିଏ ଥିଲେ ?


ଛାତ୍ର: ସାର୍, ସେ ଜଣେ ମୂଲିଆ ଶ୍ରେଣୀର ବ୍ୟକ୍ତି ଥିଲେ।

ଶିକ୍ଷକ: କେମିତି ?

ଛାତ୍ର: ସାର୍ ଆପଣ ହିଁ ତ କହିଥିଲେ ସେ କେତେ କ'ଣ ନିର୍ମାଣ କରିଛନ୍ତି ।

ପପୁ ବ୍ୟାଙ୍କ ଯାଇ କହିଲା–ସାର୍, ମୁଁ ଆଧାରକାର୍ଡକୁ ବ୍ୟାଙ୍କ ଖାତାରେ ଲିଙ୍କ୍ କରିନି, ହେଲେ ମୋ ଖାତାକୁ ୨୦୦ଟଙ୍କା ସବ୍‌ସିଡି ଆସିଛି।

ବ୍ୟାଙ୍କ ମ୍ୟାନେଜର: ଏଇଟା ସବ୍‌ସିଡି ନୁହେଁ ତୁମର ଇନ୍‌କ୍ରିମେଣ୍ଟ।



## ଗପ

# ମନଲୋଭା ବସା

ବହୁତ ଦିନ ତଳର କଥା। ସେହି ସମୟରେ ପୃଥିବୀର ଯେଉଁଆଡେ ଦେଖିବ ସିଆଡେ ଜଙ୍ଗଲ। ମାଙ୍କଡ଼ଟିଏ ଜଙ୍ଗଲରେ ରହୁଥିଲା। ଘାସ, ନଡା, କାଠି, କୁଟା ଇତ୍ୟାଦିରେ ସୁନ୍ଦର ବସା ତିଆରି କରିବା, ସେ ଜାଣିଥିଲା। ନିଜେ ରହିବା ପାଇଁ ସେ ଗଛ ଉପରେ ଅତି ସୁନ୍ଦର ବସା ନିର୍ମାଣ କରି ରହୁଥିଲା। ବସା ତିଆରି କରିବାର କଳାକୁ ନେଇ ସେ ଖୁବ୍ ଗର୍ବିତ ଥିଲା। ଜଙ୍ଗଲର ଅନ୍ୟ ପଶୁ ପକ୍ଷୀମାନେ ମାଙ୍କଡ଼ର ଘର ତିଆରି କରିବାର ପଦ୍ଧତି ଜାଣିବାକୁ ଅନୁରୋଧ କଲେ, କିନ୍ତୁ ସେ ଏ ବିଷୟରେ ସ୍ପଷ୍ଟ ମନା କରିଦିଏ ଜଣାଇବାକୁ। ଏପରି କି ଜଙ୍ଗଲର ରାଜା ସିଂହଙ୍କୁ ମଧ୍ୟ ଘର ତିଆରି କରିବାର ପଦ୍ଧତି ଜଣାଇବାକୁ ସ୍ପଷ୍ଟ ମନା କରିଦେଲା। ସେହି ଜଙ୍ଗଲରେ ବାଇଚଢ଼େଇ ନାମକ ପକ୍ଷୀ ମଧ୍ୟ ରହୁଥିଲା। ବର୍ଷା ଋତୁ ଆସୁଛି ବୋଲି ସେ ମାଙ୍କଡ଼କୁ ଅନେକ ଥର ଅନୁନୟ ବିନୟ ହେଲା, ବସାଟିଏ ତିଆରି କରିଦେବାକୁ। ବର୍ଷାରୁ ରକ୍ଷା ପାଇବା ପାଇଁ ସେ ଘର ତିଆରି କରିବାର ପଦ୍ଧତି ପଚାରିଲା, କିନ୍ତୁ ମାଙ୍କଡ଼ ତାକୁ ଅପମାନିତ କଲା। ଅହଙ୍କାର କାରଣରୁ ତାକୁ ଗାଳି ଦେଇ ତଡିଦେଲା। ସେ କାହାକୁ ମଧ୍ୟ ନିଜ ବସା ଭିତରକୁ ପଶିବାକୁ ଦିଏ ନାହିଁ। ବାଇଚଢ଼େଇ ନିଜ ପାଇଁ ଏକ ଘର ତିଆରି କରିବା ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କଲା ଏବଂ ବର୍ଷାଋତୁ ଆସିବା ବେଳକୁ ଏକ ବଡ଼ ବସା ତିଆରି କରିସାରିଥିଲା। ଘରଟି ସେତେ ମଜଭୁତ ନ ହେଲେ ମଧ୍ୟ ଚଳିବ। ବାଇଚଢ଼େଇ ତା'ର ନିଜର ବସା ତିଆରି କରି ଆନନ୍ଦିତ ଥିଲା। ଦିନେ ପ୍ରବଳ ବର୍ଷା ଆରମ୍ଭ ହେଲା। ସମସ୍ତ ପଶୁପକ୍ଷୀ ଇଆଡେ ସିଆଡେ ଦୌଡ଼ିବାକୁ ଲାଗିଲେ। ମାଙ୍କଡ଼ଟି କିନ୍ତୁ ଆରାମରେ ନିଜ ବସାରେ ବସି ପଶୁପକ୍ଷୀମାନଙ୍କ ଦୌଡୁଥିବା ଦୃଶ୍ୟକୁ ଦେଖି ହସୁଥିଲା। ବାଇଚଢ଼େଇ ନିଜ ଘରେ ଅନେକ ପ୍ରକାରର ପକ୍ଷୀଙ୍କୁ ଆଶ୍ରୟ ଦେଇଥିଲା। ଅପରପକ୍ଷରେ ମାଙ୍କଡ଼ଟି ଆଶ୍ରୟ ଚାହୁଁଥିବା ଜୀବଙ୍କୁ ଘଉଡ଼ାଇ ଦେଉଥିଲା। ହଠାତ୍ ବର୍ଷା ସହିତ ପ୍ରବଳ ପବନ ବହିବାକୁ ଲାଗିଲା। ବାଇଚଢ଼େଇର ବସାଟି ମଜଭୁତ ନ ଥିବାରୁ ପବନରେ ଭାଙ୍ଗିଗଲା। ବସାରେ ଥିବା ପକ୍ଷୀମାନେ ଭୟରେ କାନ୍ଦିବାକୁ ଲାଗିଲେ। ଜଙ୍ଗଲର ଚାରିଆଡ଼େ ତ୍ରାହି ତ୍ରାହି ଶବ୍ଦ ଶୁଭିଲା, କିନ୍ତୁ ମାଙ୍କଡ ଏସବୁ ଦେଖି ହସୁଥିଲା। ବନ ଦେବତାଙ୍କର ମାଙ୍କଡ଼ ଉପରେ ବହୁତ କ୍ରୋଧ ଆସିଲା। ସେ ପ୍ରକଟ ହେଲେ। ସେ ମାଙ୍କଡ଼କୁ ପଚାରିଲେ, 'ତୁମ ବସାରେ ଅନ୍ୟ ଜୀବମାନଙ୍କୁ କାହିଁକି ଆଶ୍ରୟ ଦେଲ ନାହିଁ?' ମାଙ୍କଡ଼ଟି ଗର୍ବର ସହିତ କହିଲା – ମୋର ବସା, ମୁଁ କାହିଁକି କାହାକୁ ମୋ ବସାରେ ରହିବାକୁ ଦେଇଥାନ୍ତି? ବନ ଦେବତା କ୍ରୋଧରେ ଥରି ଉଠିଲେ ଏବଂ ଅଭିଶାପ ଦେଇ କହିଲେ – ସ୍ୱାର୍ଥପର ମାଙ୍କଡ଼.... ସମସ୍ତଙ୍କର ନିଜସ୍ୱ ବସା ରହିବ କିନ୍ତୁ ତୁମର ଆଜିଠାରୁ ଆଉ ବସା ବୋଲି କିଛି ରହିବ ନାହିଁ। ତୁମେ ସଦାସର୍ବଦା ବୁଲୁଥିବ। ଆ' ବସା ତା' ବସା ହୋଇ ଘିରି ଘିରି ହେଉଥିବ। ବାଇଚଢ଼େଇର ଦୟାଶୀଳଭାବ ଦେଖି ବନ ଦେବତା ଅନ୍ୟମାନଙ୍କ ପାଇଁ ସୁନ୍ଦର ସୁନ୍ଦର ବସା ତିଆରି କରିବାର କଳା ତାକୁ ବରଦାନ ଦେଇଥିଲେ। ଆଜି ବି ସବୁ ପଶୁପକ୍ଷୀଙ୍କ ନିଜସ୍ୱ ବସା ଅଛି, କିନ୍ତୁ ଅଭିଶପ୍ତ କାରଣରୁ ମାଙ୍କଡ଼ର ନିଜସ୍ୱ ବସା ବୋଲି କିଛି ନାହିଁ। ସେ ସର୍ବଦା ଭ୍ରମଣଶୀଳ। ପକ୍ଷୀମାନଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର ଓ ଶକ୍ତିଶାଳୀ ବସା ତିଆରି କରିପାରେ ବାଇଚଢ଼େଇ। ସେହି ବସାଗୁଡ଼ିକ ଭାରି ମନଲୋଭା। ତା'ର ବସା ତିଆରି କୌଶଳ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୁଅନ୍ତି।

– ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ପତ୍ର ବି ଉପକାରୀ

ଶୀତଦିନେ ପ୍ରଚୁର ପରିମାଣରେ ମିଳୁଥିବା ପିଜୁଳିର ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ପିଜୁଳି ଗଛର ପତ୍ରର ବି ବହୁ ଫାଇଦା ଅଛି। ଆସନ୍ତୁ ଏ ବିଷୟରେ କିଛି ଜାଣିବା।

- ପିଜୁଳି ପତ୍ରରେ ଭିଟାମିନ୍ ଏ, ଭିଟାମିନ୍ ସି ଓ ପୋଟାସିୟମ୍ ରହିଛି। ଏହା ହଜମ ପ୍ରକ୍ରିୟାକୁ ଭଲ କରିବା ସହ ଇମ୍ୟୁନିଟି ବୃଦ୍ଧି କରିଥାଏ। ତ୍ୱଚାକୁ ସୁନ୍ଦର କରିବା ସହ କେଶ ବୃଦ୍ଧିରେ ମଧ୍ୟ ଅନେକାଂଶରେ ଏହା ସହାୟକ ହୋଇଥାଏ।
- ପ୍ରତିଦିନ ସକାଳୁ ଦୁଇ ତିନୋଟି ଲେଖାଏ ପିଜୁଳି ପତ୍ର ଖାଇଲେ ଦାନ୍ତର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ବିଶେଷକରି ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ ଏବଂ ଦାନ୍ତ ମୂଳରେ ଥିବା ବ୍ୟାକ୍ଟେରିଆ ମଧ୍ୟ ରହି ନ ଥାନ୍ତି।
- ଡାଇବେଟିସ୍ ରୋଗୀଙ୍କ ନିମନ୍ତେ ପିଜୁଳିପତ୍ର ଅତ୍ୟନ୍ତ ଉପକାରୀ। ପ୍ରତିଦିନ ଖାଇସାରିବା ପରେ ଯଦି ଡାଇବେଟିସ୍ ଥିବା ଲୋକେ ପିଜୁଳି ପତ୍ରର ଚା ପିଇବେ ତେବେ ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରିତ ରଖିବାରେ ସହାୟକ ହୋଇଥାଏ।
- ପିଜୁଳିପତ୍ରର ଚା ପିଇଲେ କୋଲେଷ୍ଟରଲ ମାତ୍ରା ମଧ୍ୟ କମ୍ ହୋଇଥାଏ ଏବଂ ଏହା ହାର୍ଟକୁ ମଧ୍ୟ ସୁସ୍ଥ ରଖେ।
- ପ୍ରତିଦିନ ପିଜୁଳି ପତ୍ରର ଚା ପିଇଲେ ମେଦ ବହୁଳତା ସମସ୍ୟାରୁ ମଧ୍ୟ ଅନେକ ପରିମାଣରେ ମୁକ୍ତି ମିଳିଥାଏ। ଏଥିରେ ଭିଟାମିନ୍ ଏ ଥିବାରୁ ଏହା ଆଖିକୁ ମଧ୍ୟ ସୁସ୍ଥ ରଖେ।
- ପିଜୁଳିପତ୍ରରେ ଭିଟାମିନ୍–ସି ଓ ଆଇରନ ରହିଛି। ତେଣୁ ଏହି ପତ୍ରର ରସ ସବୁଦିନ ପିଇବା ଫଳରେ ଥଣ୍ଡା ଶର୍ଦ୍ଦିରୁ ଅନେକାଂଶରେ ମୁକ୍ତି ମିଳିଥାଏ। କାଶ ଏବଂ ଶ୍ୱାସନଳୀରେ ଥିବା ଇନ୍‌ଫେକଶନ ମଧ୍ୟ ଏଥିପାଇଁ ଭଲ ହୋଇଥାଏ।
- ପିଜୁଳିପତ୍ରର ଚା ପିଇଲେ ନିଦ୍ରାହୀନତା ରୋଗରୁ ମଧ୍ୟ ମୁକ୍ତି ମିଳେ।




## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ତୁମ ପାଇଁ ବହି



**ମୋ ଆଶା:** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଅକ୍ଟୋବର–ଡିସେମ୍ବର ସଂଖ୍ୟାରେ କଲ୍ୟାଣମୟୀ ମା' ଦୁର୍ଗା, ରିଙ୍କିର ଲକ୍ଷ୍ମୀପୂଜା, ତେନ୍ତୁଳିଗଛ, ଡ଼ୋଲି ଯାଉଥିଲା ଚାଲିଚାଲି ଏବଂ ଗର୍ବକଲା ଲିଭିଗଲା ପରି ରହିଛି କେତୋଟି ଗଳ୍ପ ଏବଂ କବିତା। ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା। ଯୋଗାଯୋଗ– ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।

## ମତାମତ

➲ ଯେକୌଣସି କାମ କରିବା ହେଉ ସେଥିରେ ନିଶ୍ଚିତ ନିଷ୍ଠା ସହିତ ସଂକଳ୍ପ ରହିବା ଜରୁରୀ। ଏହି କଥାଟି 'ସଂକଳ୍ପ' ବିଷୟରୁ ହିଁ ଜାଣିହେଲା।

**–ସୁକାନ୍ତ ସାହୁ, ନାଳିବର, ଜଗତ୍‌ସିଂହପୁର**

➲ 'ଜୈବିକ ଜାଳେଣି' କେଉଁଥିରୁ ସୃଷ୍ଟି ହୁଏ ସେ ବିଷୟରେ ଜାଣିବାକୁ ପାଇଲି ଏବଂ ଏହାର ଉପଯୋଗ କେଉଁଥିରେ କରାଯାଏ ସେ ସମ୍ପର୍କରେ ମଧ୍ୟ ଜାଣିପାରିଲି।

**–ବିନୋଦ ରାଉତ, ବୈପାରୀଗୁଡା, କୋରାପୁଟ**

➲ ଗିନିଜ୍ ୱାର୍ଲ୍ଡ ରେକର୍ଡରେ 'ଦ୍ରୁତତମ ବ୍ୟାକଫ୍ଲିପ୍' କରି କିପରି ଆସେଲ୍ ୱାଷ୍ଟନ୍' ନିଜ ନାମକୁ ଗିନିଜ୍ ରେକର୍ଡରେ ଅନ୍ତର୍ଭୁକ୍ତ କରିପାରିଲେ ତାଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ହେଲି।

**–ମିତେସ୍ କୁମାର, ବାଲେଶ୍ୱର**



ଆଗକୁ ପରୀକ୍ଷା। ତେଣୁ ଏବେଠୁ ଆରମ୍ଭ କରିବାକୁ ହେବ ପ୍ରସ୍ତୁତି। ହେଲେ ଏବେ ଶୀତଦିନକୁ ଦେଖି ରାତିରେ ଅଧିକ ସମୟ ପଢିବା ପାଇଁ ପିଲାମାନେ ବଦଳେଇଛନ୍ତି ଡାଏଟ୍ ପ୍ଲାନ୍। କ'ଣ ଖାଇଲେ କମ୍ ନିଦ ହେବ ଆଉ ବେଶି ସମୟ ପାଠ ପଢିହେବ ସେଥିପାଇଁ ସମସ୍ତେ ସତର୍କ।





# ପାଠ ପାଇଁ ଖାଦ୍ୟ

ଶୀତଦିନେ ସମସ୍ତଙ୍କୁ ଅଧିକ ସମୟ ଶୋଇବା ପାଇଁ ଇଚ୍ଛା ହୁଏ। କିନ୍ତୁ ପରୀକ୍ଷା ପାଇଁ ଏବେଠୁ ପାଠ ନ ପଢିଲେ ପଛରେ ପଡିଯିବେ । ହୋମ୍‌ୱର୍କ, ରିଭିଜନ୍ ସବୁ ଏବେ ଠାରୁ କରିବାକୁ ହେବ। ତେଣୁ ରାତିରେ ଅଧିକ ସମୟ ପାଠ ପଢିବାକୁ ହେବ। ଆଉ ଏଥିପାଇଁ ଖାଦ୍ୟକୁ ନେଇ ସଚେତନ ହେବାକୁ ପଡିବ। ଅଧିକ ଖାଇଦେଲେ ନିଦ ଲାଗିବ ଆଉ ପାଠରେ ସମସ୍ୟା ସୃଷ୍ଟି ହେବ। ତେବେ ବର୍ତ୍ତମାନ ସମୟରେ ପାଠପଢା ପ୍ଲାନିଂ ସମ୍ପର୍କରେ କେତେକ ଛାତ୍ରୀଛାତ୍ର ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

### ସନ୍ଧ୍ୟାବେଳେ ଖାଇବା ଶେଷ



ସ୍କୁଲରୁ ଫେରିବା ପରେ ସନ୍ଧ୍ୟାବେଳୁ ମୁଁ ରାତି ଖାଦ୍ୟ ଖାଇଦିଏ। ତା'ପରେ ରାତିରେ ଆଉ କିଛି ଖାଏନାହିଁ। ସନ୍ଧ୍ୟାବେଳେ ଟିଉଶନ୍‌ରୁ ଫେରିବା ପରେ ରୁଟି କିମ୍ବା ପରଟା ଅବା କିଛି ଜଳଖିଆ ଯାହା ଘରେ ଥାଏ ତାହା ଖାଇଦିଏ। ବେଳେବେଳେ ରୁଟି ନ ଥିଲେ ଅଳ୍ପ ଭାତ ଦିନରୁ ହୋଇଥିବା ତରକାରିକୁ ପୁଣି ଥରେ ଖାଇଦିଏ। ସନ୍ଧ୍ୟାରେ ଆରାମରେ ପାଠ ପଢେ। ରାତି ୧୦ଟାବେଳେ ମାମା ଗରମ କ୍ଷୀରରେ ହଳଦୀ ମିଶାଇ ପିଇବାକୁ ଦିଏ। ବାସ୍ ସେତିକି ହେଉଛି ମୋର ଖାଦ୍ୟ ରୁଟିନ୍। ତା'ପରେ ରାତିରେ ଯେତେ ସମୟ ଇଚ୍ଛା ହୁଏ ପଢେ, ପରେ ଶୋଇବାକୁ ଯାଏ। ଅବଶ୍ୟ ସକାଳୁ ଶୀଘ୍ର ଉଠିପାରେ ନାହିଁ। ସବୁଦିନ ୬ଟାରେ ଉଠି ନିତ୍ୟକର୍ମ ସାରି ସ୍କୁଲ ଯାଏ।

– **ଅନିନ୍ଦ୍ୟ ଅରବିନ୍ଦ,** କ୍ଲାସ୍–୧୦, ଶ୍ରୀମଦ୍ ଭଗବତ୍ ଗୀତା ବିଦ୍ୟାମନ୍ଦିର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର

### ଡାଏଟ୍ ଫଲୋ କରୁଛି



ଆଗରୁ ରାତିରେ ଯେମିତି ଖାଉଥିଲି ଏବେ ପୂରା ବଦଳେଇ ଦେଇଛି। ୮ଟା ପୂର୍ବରୁ ଘରେ ଯାହା ଥିବ ଖାଇ ଦେଉଛି। ସେହି ଅନୁସାରେ ଏବେ ମାମା ମୋ ପାଇଁ ଖାଇବା ରଖୁଛନ୍ତି। ତେବେ ଇଚ୍ଛା ଥିଲେ ବି ଏବେ ମୁଁ ଟିକେ କମ୍ କରି ଖାଉଛି। କାହିଁକିନା ଅଧିକ ଖାଇଲେ ଶୋଇ ପଡିବାକୁ ଇଚ୍ଛା ହେଉଛି। ରାତିରେ ପ୍ରାୟ ସମୟ ମୁଁ ରୁଟି ଖାଏ ଆଉ କ୍ଷୀର ପିଏ। ଆଉ ତା'ପରେ ବସି ପାଠ ପଢେ। ହେଲେ ଘରେ ସମସ୍ତେ ଖାଇବା ସମୟରେ ମାମା ପୁଣି ଥରେ ଖାଇବାକୁ ଡାକନ୍ତି। ଆଗରୁ ଖାଦ୍ୟ ଲୋଭରେ ରାତିରେ ଦି'ଥର ଖାଇ ଦେଉଥିଲି। ହେଲେ ଏବେ ମୁଁ ପୂରା ଡାଏଟ୍ ଫଲୋ କରୁଛି। ଯେତେ ଭଲ ତରକାରି ହୋଇଥିଲେ ବି ଆଉ ଖାଉନାହିଁ। ତେଣୁ ବେଶ୍ ଆରାମରେ ରାତି ୧୧ଟା ପର୍ଯ୍ୟନ୍ତ ପଢିପାରୁଛି। ତା'ପରେ ନିଦ ଆସିଲେ ଶୋଉଛି।

– **ସାଇ ଶାଶ୍ୱତ ବହିଦାର,** କ୍ଲାସ୍– ୯, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

### ପରିମାଣ କମ୍ କରିଦେଇଛି



ରାତିରେ ଯେମିତି ଖାଏ ସେମିତି ଖାଉଛି, ହେଲେ ଖାଦ୍ୟର ପରିମାଣ କମ୍ କରି ଦେଇଛି। ସମସ୍ତଙ୍କ ସାଙ୍ଗରେ ରାତିରେ ରୁଟି ଖାଉଛି ହେଲେ ଏବେ ଦୁଇଟି ରୁଟି ଖାଉଛି। ତା'ପରେ ଗରମ କ୍ଷୀର ପିଉଛି। ସନ୍ଧ୍ୟାବେଳେ ଜଳଖିଆ ବି ଖାଏ। ତେବେ ରାତିରେ ଅନିଦ୍ରା ହୋଇ ମୁଁ ପାଠ ପଢେ ନାହିଁ। ରାତି ୧୧ଟା ଯାଏ ପଢେ। ସକାଳ ୬ଟା ପୂର୍ବରୁ ଉଠେ। ଟିଉଶନ୍ ପାଇଁ ରେଡ଼ି ହୁଏ। ଆଉ ତା'ପରେ ସ୍କୁଲ ପାଇଁ ପ୍ରସ୍ତୁତ ହୁଏ। ଏମିତି ରୁଟିନ ଅନୁସାରେ ଦିନ ବିତେ।

– **ସୃଷ୍ଟି ସ୍ୱରୂପା ପୁରୀ,** କ୍ଲାସ୍–୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଟକ ସଦର, କଟକ

### ସମସ୍ତେ ଶୋଇବା ପରେ ପଢ଼େ



ମାମା କହିଛି ଏବେ ଠୁ ଅଧିକ ପରିଶ୍ରମ କରିଲେ ମାଟ୍ରିକ ରେଜଲ୍ଟ ଭଲ ହେବ। ସେଥିପାଇଁ ବେଶି ସମୟ ପଢୁଛି। ସ୍କୁଲ, ଟିଉଶନ୍ ପାଠ ତା'ପରେ ସବୁ ବିଷୟ ରିଭିଜନ୍ କରିବା ପାଇଁ ବହୁତ ସମୟ ଦରକାର ହେଉଛି। ତେଣୁ ରାତିରେ ହିଁ ବେଶି ସମୟ ପଢିବାକୁ ପଡୁଛି। ରାତିରେ ଶାନ୍ତ ପରିବେଶରେ ବେଶି ସମୟ ପଢେ ଆଉ ଦିନରେ ଡେରିରେ ଉଠେ। ଡେରି ଯାଏ ପାଠ ପଢେ ବୋଲି ମାମା ମତେ ପାଟି କରେ। ହେଲେ ତାକୁ ବୁଝେଇ ଦିଏ। ଏବେ ପରିଶ୍ରମ କଲେ ପରୀକ୍ଷା ସରିଲେ ଆରାମ କରିବି ବୋଲି କହେ। ଏବେ ଶୀତଦିନେ ଅଧିକ ଖାଇଲେ ଶୋଇବାକୁ ଇଚ୍ଛା ହେବ ବୋଲି ହାଲୁକା ଖାଦ୍ୟ ଖାଉଛି। ରାତିରେ ଆଦୌ ଭାତ ଖାଉନି। କିନ୍ତୁ ବେଶି ପଢିବାବେଳେ ଯଦି ବୋର୍ ଲାଗେ ତା'ହେଲେ କେବେ କେବେ ହର୍ଲିକ୍ସ ପିଏ ଆଉ ତା'ପରେ ପୁଣି ପଢେ। ୧୦ଟା ବେଳକୁ ଘରେ ସମସ୍ତେ ଶୋଇପଡନ୍ତି, ସେଥିପାଇଁ ମୁଁ ଆରାମରେ ପଢେ।

– **ଦିବ୍ୟଜ୍ୟୋତି ବାରିକ,** କ୍ଲାସ୍–୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋରକରା, ରଘୁନାଥପୁର, ଜଗତ୍‌ସିଂହପୁର

### ଶୀତ ପାଇଁ ଖାଦ୍ୟ କମେଇ ଦେଇଛି



ଶୀତଦିନେ ରାତିରେ କମ୍ ଖାଇଲେ ହିଁ ଅଧିକ ସମୟ ପାଠ ପଢିହେବ। ନ ହେଲେ ନିଦ ଲାଗିବ। ସେଥିପାଇଁ ତ ମୁଁ ରାତି ଖାଇବା ଏକଦମ୍ କମ୍ କରି ଦେଇଛି। ଯଦି ସନ୍ଧ୍ୟାବେଳେ ଜଳଖିଆ ଭଲଭାବରେ ଖାଇଥାଏ ତା'ହେଲେ ରାତିରେ କିଛି ଖାଏନି। ଖାଲି କ୍ଷୀର ପିଏ। ଆଉ ଯଦି ସନ୍ଧ୍ୟାରେ କିଛି ଖାଇ ନ ଥାଏ ତା'ହେଲେ ରାତିରେ ଭୋକ ଲାଗେ। ସେଥିପାଇଁ ରାତିରେ ଯାହା ଖାଇବାକୁ ହୋଇଥାଏ ଖାଏ କିନ୍ତୁ ପରିମାଣ କମ୍ କରିଦିଏ। ମାମା ଅଧିକ ବାଢିଥିଲେ ଆଗୁଆ କାଢିଦିଏ। ତା'ପରେ ବେଶ୍ ଆରାମରେ କିଛି ସମୟ ପଢି ଶୋଇବାକୁ ଯାଏ।

– **ବୈଭବୀ ଖଣ୍ଡୁଆଳ,** କ୍ଲାସ୍–୯, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର



୧ ପ୍ରୀତିରାଜ ଦାସ
କ୍ଲାସ୍‌-୪, ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ, ନୂଆ ବଜାର, କଟକ





୨ ଉନ୍ନତି ପରିଡ଼ା
କ୍ଲାସ୍‌-୪, ସେଣ୍ଟ ଯୋଶେଫ ଗାର୍ଲସ ହାଇସ୍କୁଲ, ବାଦାମବାଡ଼ି, କଟକ

୩ ଦମୟନ୍ତୀ ସେନାପତି
କ୍ଲାସ୍‌- ୬, ଇନ୍ଦିପୁର ଉ.ପ୍ରା. ବିଦ୍ୟାଳୟ, ଢେଙ୍କାନାଳ





୪ ଘନିଶ କୁମାର ବେହେରା
କ୍ଲାସ୍‌- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ

୫ ଆୟାଂଶ ମିଶ୍ର
କ୍ଲାସ୍‌- ୫, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର





୬ ସୌମ୍ୟ ରଞ୍ଜନ ମାଝି
କ୍ଲାସ୍‌- ୩, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି

୭ ଆଦଭିକା ସାହୁ
କ୍ଲାସ୍‌- ୧, ଡି.ଏନ୍. ୱିଜଡମ୍ ଟ୍ରି ଗ୍ଲୋବାଲ ସ୍କୁଲ, ଢୁମୁଢୁମା, ଭୁବନେଶ୍ୱର






୮ ସ୍ରୀବାଲୀ ପାତ୍ର
କ୍ଲାସ୍‌-୫, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର




୧




୨



୭




୩



୪



୫



୬



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ନବଜାତକଙ୍କୁ ନୂଆ ଜୀବନ

ନବଜାତ ଶିଶୁଙ୍କୁ ମା' କ୍ଷୀର ଯୋଗାଇ ଦେବା ପାଇଁ ଏବେ ବିଭିନ୍ନ ସ୍ଥାନରେ ରହିଛି ମିଲ୍କ ବ୍ୟାଙ୍କ। ଏହି ବ୍ୟାଙ୍କ ମାଧ୍ୟମରେ ବହୁ ମହିଳା ସ୍ୱେଚ୍ଛାକୃତଭାବେ ମା' କ୍ଷୀର ଦାନ କରିଥାନ୍ତି। ସେଭଳି ଜଣେ ମହିଳା ହେଉଛନ୍ତି ଆମେରିକା ଟେକ୍ସାସ ସହରର ଅଲ୍‌ସେ ଓଗ୍ଲିଟ୍ରି। ମା'କ୍ଷୀର ପାଉ ନ ଥିବା ଶିଶୁଙ୍କୁ ସେ ସ୍ୱେଚ୍ଛାରେ ଦାନ କରି ଆସୁଛନ୍ତି। ଏହି ମାଧ୍ୟମରେ ସେ ହଜାର ହଜାର ଶିଶୁଙ୍କୁ ସାହାଯ୍ୟ କରିପାରୁଥିବାରୁ ବେଶ୍ ଖୁସି ହୋଇଥାନ୍ତି। ଏବେ ସୁଦ୍ଧା ସେ ୧,୫୮.୭୯ ଲିଟରରୁ ଅଧିକ କ୍ଷୀର ଦାନକରି ସାରିଲେଣି। ତେବେ ତାଙ୍କର ଏହି କାମ ଏବେ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ଦେବାକୁ ସକ୍ଷମ ହୋଇଛି। ବିଶ୍ୱରେ ସର୍ବାଧିକ ପରିମାଣର ମା' କ୍ଷୀର ଦାନ କରିଥିବାରୁ ତାଙ୍କୁ ଏହି ରେକର୍ଡ ମିଳିଛି। ଏହା ପୂର୍ବରୁ ମଧ୍ୟ ସେ ନିଜ ରେକର୍ଡକୁ ନିଜେ ଭାଙ୍ଗିଥିଲେ। ତେବେ ଅଲ୍‌ସେ ପିଲାମାନଙ୍କୁ ସାହାଯ୍ୟ କରିବାକୁ ଏକ ମହତ କାମ ମନେକରନ୍ତି। ସେଥିପାଇଁ ବୈଜ୍ଞାନିକ ପଦ୍ଧତିରେ କ୍ଷୀର ମିଲ୍କ ବ୍ୟାଙ୍କରେ ପହଞ୍ଚାଇଥାନ୍ତି। କିନ୍ତୁ ଏହି ମାଧ୍ୟମରେ କୌଣସି ଅର୍ଥ ରୋଜଗାର କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ଏବେ ସୁଦ୍ଧା ତାଙ୍କ ମାଧ୍ୟମରେ ୩,୫୦,୦୦୦ ନବଜାତ ଶିଶୁ ଉପକୃତ ହୋଇ ସାରିଲେଣି।



## ଏଥରର

- ଅନ୍ତରୀକ୍ଷକୁ ପଠାଯାଇଥିବା ପ୍ରଥମ କୃତ୍ରିମ ଉପଗ୍ରହର ନାମ ?
- ନୋବେଲ ପୁରସ୍କାର ପାଇଥିବା ପ୍ରଥମ ମହିଳାଙ୍କ ନାମ ?
- କାନାଡାର ଜାତୀୟ ଖେଳର ନାମ ?
- ମନୁଷ୍ୟ ଶରୀରର ସବୁଠାରୁ ବଡ ଆଭ୍ୟନ୍ତରୀଣ ଅଙ୍ଗ ?
- କେଉଁ ମହାଦେଶରେ ସର୍ବାଧିକ ଦେଶ ରହିଛି ?

## ଗତଥରର ଉତ୍ତର

- ଈଶ୍ୱର ଦାସ ନଗର
- ୱିଲିୟମ୍ ସେକ୍ସପିଅର
- ଜର୍ଜ ଓରୱେଲ୍
- ୦ ଡିଗ୍ରୀ ସେଲସିୟସ୍
- ଚିତା ବାଘ

## କବିତା



### ସୋରିଷ ଫୁଲ

ଅଳସୀ ଶୀତର କାକର ମୋତିରେ
ସୁନା ରଙ୍ଗି ଶାଢ଼ି ସମ
ଦିଗନ୍ତ ବିସ୍ତାରି ସୋରିଷର କ୍ଷେତ
ଦିଶେ ଭାରି ମନୋରମ।
ଅବନୀ ବକ୍ଷରେ ପ୍ରସ୍ଫୁଟିତ ହୋଇ
ଚହଟେ ସୋରିଷ ଫୁଲ
ଗାଆଁ ପରିବେଶ ଶୋଭା ସେ' ବଢାଏ
ଦେଇ ତା' ଅମୂଲ ମୂଲ।
ଫଗୁଣ ପରଶେ ଲୁଚକାଳି ଖେଳେ
ଶୀତ ସଙ୍ଗେ ବସି ମିତ
ପିତାମ୍ବରୀ ବର୍ଣ୍ଣେ ସୁନ୍ଦରୀଟେ ସାଜି
ଗୁଣୁଗୁଣୁ ଗାଏ ଗୀତ।
ସୋରିଷର କ୍ଷେତ ହସେ କିରିକିରି
ଗାଆଁ ନଈପଠା ଧାରେ
ମହାଲକ୍ଷ୍ମୀଙ୍କର ପ୍ରିୟ ସେ ଅଟଇ
ଖୋଜାପଡ଼େ ମାର୍ଗଶିରେ।
ହେଉ ବିଲବାଡ଼ି ବନ,ଉପବନ
ଅବା ଗହିରିଆ ପାଟ
ମନଲୋଭା ତା'ର ସୌନ୍ଦର୍ଯ୍ୟ ପସରା
ସତେ ଚାରୁ ଚିତ୍ରପଟ।
ସତରେ ନିଆରା ଏ ସୋରିଷ ଫୁଲ
ଅପୂର୍ବ ରୂପ ସମ୍ଭାରେ
ନବବଧୂ ପରି ଓଢଣା ଫାଙ୍କରେ
ହସୁଥାଏ ପବନରେ।

– ରାମ ଚନ୍ଦ୍ର ପ୍ରଧାନ
ଟେକ୍ନିକାଲ୍ ହାଇସ୍କୁଲ, ଗଞ୍ଜାମ
ମୋ :୯୮୬୧୬୩୮୭୩୬

### କୁନା ଓ ମୋବାଇଲ୍

ଚଗଲା କୁନାକୁ ଥୟ କରିବାକୁ
ମୋବାଇଲ୍ ଧରେଇ ଦେଇକି,
ବୋଉଟି ତା'ର ସଅଳ ସଅଳ
କାମ ସାରିଦିଏ ଯାଇକି।
ଦେଖିଦେଖି ଏବେ ଆଦତ ହେଲାଣି
ଖେଳିବାକୁ କେବେ ଯାଉନି,
ଦେଖୁଥିଲା ବେଳେ କେହି ବି ଡାକିଲେ
ମୁଣ୍ଡ ଟେକି ଜମା ଚାହୁଁନି।
ବାପାଟା ବିଚରା କରିବ କଅଣ
ଭୁଲେଇ ପାରୁନି ପୁଅକୁ
"ମୋବାଇଲ କାହିଁ ? ଦିଅ ମୋ ହାତକୁ
ଆଣ, ଫିଙ୍ଗିଦିଏ କୂଅକୁ।"
ଫିଙ୍ଗିଦେବାଟା କି ସମାଧାନ ବାଟ
ସମୟରୁ ଟିକେ କାଢ଼ିକି
ବନେଇ ବୂନେଇ ଗୀତ ଗପ କୁହ
ତା' ସହିତ ନାଚି ଖେଳିକି।
ମନେପକାଇଲ ଆମ ପିଲାଦିନେ
ଏଇ ମୋବାଇଲ ଥିଲା କି ?
ମାଆଟି କେମିତି ବଡ଼ କରାଇଲା
ଅଝଟପଣିଆ ସହି କି।

– ସଞ୍ଜୁ ଦାସ
ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ:୯୧୨୪୨୧୧୧୦୫

### ମାଣବସା ଗୁରୁବାର



ମାସ ମଧ୍ୟେ ଖ୍ୟାତ ମାର୍ଗଶିର
ଦିନ ମଧ୍ୟେ ଗୁରୁବାର
ମାଆ କମଳାଙ୍କ ପବିତ୍ର ଦିବସ
ଧନ ଧାନ୍ୟେ ପୂରେ ଘର।
ବୁଧବାର ରାତି ସଫା ହୁଏ ବାସ
ପଦ୍ମ, ଲକ୍ଷ୍ମୀପାଦ ଝୋଟି
ଚାଉଳ ବଟାରେ ଚିତା ହୁଏ ଦିଆ
କେଡେ ସୁନ୍ଦର ଦୃଶ୍ୟଟି।
ମାଣରେ ଭରି ଧାନ
ଧୂପ, ଦୀପ, ଭୋଗ ହୁଏ
ଭକତି କୁସୁମ ଅର୍ପଣ କରିଣ
ମାଆ ପୂଜା କରିଥାଏ।
ଲକ୍ଷ୍ମୀ ପୁରାଣ ପଢା ହୋଇଥାଏ
ଅତି ଭକତି ଭରେ
ଆବାହନ କଲେ ପଦ୍ମାଙ୍କୁ ଅନ୍ତରୁ
ଦୁଃଖ କଷ୍ଟ ହଜିଯାଏ।

– ଗୋପୀନାଥ ଦାଶ
ବରପାଲି ପଡା, ବଲାଙ୍ଗୀର
ମୋ: ୬୩୭୧୮୦୫୦୭୦

## କହିଲ ଦେଖି

ମଣିଷ ଯାହାକୁ ଦେଖିଲେ ଡରେ
ତା' ସାଥିରେ ଇଏ ଲଢ଼େଇ କରେ
ଜୀବନକୁ ତା'ର ନ ଥାଏ ଲୋଭ
ଦେଖିଲେ ତା' ମୁହଁ ହୁଅଇ ଶୁଭ
ଗେଣ୍ଡା ମାଛ ଦେଲେ ଖୁସିରେ ଖାଏ
ଜାଣିଥିଲେ କୁହ ଜନ୍ତୁଟି କିଏ ?





ମାଆର ଆସନ ଦେଇ ପୂଜା କରିଥାଉ
ଅଇଁଠା, ପେଯ ତୋରାଣି ଖାଇବାକୁ ଦେଉ
କ୍ଷୀର ଦେଇ ସଭିଙ୍କୁ ସେ କରୁଅଛି ବଡ଼
ତା'ର ମଳ ମୂତ୍ର ବିନା ପୂଜା ଗଡ଼ବଡ଼
ଜନମ ଦେଇନି ହେଲେ ମାତା ରୂପେ ଗଣା
କୁହତ ତାହାର ନାଆଁ ଅଛି ଯଦି ଜଣା ?





ବାଡେଇଲେ କୁହେ ମାସର ନାଁ
ଘାସପତ୍ର ଖାଇବାକୁ ବାଇଆ
ମାଉଁସ ତାହାର ସୁଆଦ ଭାରି
କଂସେଇ ଦେଖିଲେ ଯାଏ ସେ ଡରି
ଜାଣିଥିଲେ କୁହ ପଶୁଟି କିଏ ?
ରାତି ହେଲେ ଯାଇ ଗୁହାଳେ ଶୁଏ।





ହସିଲେ ଦେଖାଏ କାନ୍ଦିଲେ ଦେଖାଏ
ଗୋଟେ ବୋଲି ଆଖି ନାହିଁ
ତା' ବିନା ମାଆର ମଥାରେ ସିନ୍ଦୂର
ଠିକଣାରେ ଲାଗେ ନାହିଁ
କାନ୍ଥରେ ସେ ଝୁଲୁଥାଇ
ବିଧା ଦେଖେଇଲେ ବିଧା ଦେଖାଉଛି
ଏମିତି ନକଲ କିଏ ସେ କରୁଛି
ନାଆଁ ତା'ର ଦେଲ କହି ?





କାନ ଉପରେ ଗୋଡ଼କୁ ଥୋଇ
ନାକ ଉପରେ ବସୁଛି
ଛୋଟ ଜିନିଷ ବଡଟେ କରି
ଚାରିଆଡକୁ ଦେଖୁଛି
ବୁଝିଥିଲେ ଦିଅ କହି ?
ନ ଥିଲେ ସିଏ ଅଜା ଆଈଙ୍କୁ
କିଛି ଦିଶଇ ନାହିଁ।






– ମୋହନ କୁମାର ସ୍ୱାଇଁ
ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଡଲ୍ ମ୍ୟୁଜିୟମ୍

ପ୍ରାୟ ଛୋଟ ପିଲାମାନେ ଡଲ୍ ବା କଣ୍ଢେଇ ସହିତ ଖେଳିବାକୁ ପସନ୍ଦ କରିଥାନ୍ତି। ଏପରିକି ସେମାନଙ୍କର ମନ ପସନ୍ଦର ଡଲ୍‌ଗୁଡ଼ିକୁ ସାଇତି ରଖନ୍ତି। ଯଦି କେବେ ବଜାରକୁ ଯାଆନ୍ତି, ତେବେ ମନ ପସନ୍ଦର ଡଲ୍ କିଣିବାକୁ ପଛେଇ ନ ଥା'ନ୍ତି। ବିଶ୍ୱରେ ଏମିତି କେତେକ ଡଲ୍ ମ୍ୟୁଜିୟମ୍ ଅଛି, ଯେଉଁଠି ବିଭିନ୍ନ ଦେଶର ଡଲ୍ସ କଲେକ୍‌ଶନ୍ ଦେଖିବାକୁ ମିଳିଥାଏ। ସେଭଳି କେତେକ ପ୍ରମୁଖ ଡଲ୍ ମ୍ୟୁଜିୟମ ବିଷୟରେ ଏଠାରେ ସୂଚୀତ କରାଯାଉଛି...




## କୋବର୍ଗ ପପେନ୍ ମ୍ୟୁଜିୟମ୍, ଜର୍ମାନୀ

ପିଲାଏ ! ଜର୍ମାନୀର କୋବର୍ଗରେ ଡଲ୍ସର ଉତ୍ପାଦନ ହୋଇଥାଏ। ଏଠାରେ ତୁମକୁ ଜର୍ମାନୀର ବେଷ୍ଟ କ୍ଲାସିକ୍ ଡଲ୍ସ ଦେଖିବାକୁ ମିଳିଯିବ। ସେଠାରେ ଥିବା ପାଖାପାଖି ୯୦୦ ଡଲ୍ସ ମଧ୍ୟରେ କେତେକ ଫ୍ରେଞ୍ଚ୍ ଡଲ୍ସ ରହିଛି। କୋବର୍ଗ ପପେନ୍ ଡଲ୍ ମ୍ୟୁଜିୟମ୍‌ରେ ଥିବା ଗାଡ଼ିଗୁଡ଼ିକୁ ସୁନ୍ଦର ଫର୍ନିଚର, କ୍ଲଦିଙ୍ଗ ଏବଂ ଆସେସରିଜ୍ ସହିତ ପ୍ରଦର୍ଶନ କରାଯାଇଛି।



## ମ୍ୟୁଜି ଡି ଲା ପୋପି ଡଲ୍ ମ୍ୟୁଜିୟମ, ଫ୍ରାନ୍ସ

ବିଶ୍ୱର ଅନ୍ୟତମ ଆକର୍ଷଣୀୟ ଏହି ଡଲ୍ ମ୍ୟୁଜିୟମ୍ ଫ୍ରାନ୍ସରେ ଅବସ୍ଥିତ। ଏଠାରେ ପାଖାପାଖି ୫୦୦୦ ନୂଆ-ପୁରୁଣା ଡଲ୍ (କଣ୍ଢେଇ) ସଂଗ୍ରହ କରାଯାଇ ରଖାଯାଇଛି। ଖାସ୍ କଥା ହେଲା, ଏଠାରେ ବିଭିନ୍ନ ପ୍ରକାର ଖେଳନା ଗାଡ଼ି ଉପରେ ଏଗୁଡ଼ିକୁ ଏଭଳି ସଜାଇ ରଖାଯାଇଛି ଯେ, ସେଗୁଡ଼ିକ ବେଶ୍ ସୁନ୍ଦର ଦେଖାଯାଇଥାଏ। ଏହି ଗାଡ଼ି ସହିତ ଏଠାରେ ସୁନ୍ଦର ସୁନ୍ଦର ଫର୍ନିଚର, ଆସେସରିଜ୍ ଏବଂ ଖେଳଣା ବି ରଖାଯାଇଛି। ପ୍ରତିବର୍ଷ ୨-୩ ଥର ଏହି ଡଲ୍‌ଗୁଡ଼ିକର ସ୍ଥାନ ପରିବର୍ତ୍ତନ କରାଯାଏ। ଏହା ସହ ସେଗୁଡ଼ିକ ଆହୁରି ଆକର୍ଷଣୀୟ ଦେଖାଯିବାକୁ ଏହି ମ୍ୟୁଜିୟମ୍ ଭିତର ଭାଗକୁ ସୁନ୍ଦର ଆଲୋକରେ ସଜ୍ଜିତ କରାଯାଇଛି। ତା' ସହ ଏହି ଡଲ୍ ହାଉସ୍ ଭିତରେ ଡଲ୍ ଗିଫ୍ଟ ଶପ୍ ମଧ୍ୟ ରହିଛି।






## ୟୋକୋହମା ଡଲ୍ ମ୍ୟୁଜିୟମ୍, ଜାପାନ

ଏହା ହେଉଛି ବିଶ୍ୱର ଅନ୍ୟତମ ପ୍ରମୁଖ ଡଲ୍ ମ୍ୟୁଜିୟମ। ଏହି ମ୍ୟୁଜିୟମ୍‌ରେ ୧୪୦ ଦେଶର ପ୍ରାୟ ୧୦,୦୦୦ରୁ ଅଧିକ ଡଲ୍ କଲେକ୍‌ଶନ୍ କରି ରଖାଯାଇଛି। ଏଠାରେ ପ୍ରାଚୀନ କାଳରେ ବ୍ୟବହୃତ ହେଉଥିବା ଆଣ୍ଟିକ୍ ଡଲ୍ସ ମଧ୍ୟ ଦେଖିବାକୁ ମିଳିଥାଏ। ତା'ସହ ବର୍ତ୍ତମାନ ନୂଆ ନୂଆ ଭେରାଇଟିର ଡଲ୍ ଏଠାରେ ମଧ୍ୟ ଉପଲବ୍ଧ। ସବୁଠାରୁ ଖାସ୍ କଥା ହେଲା, ଜାପାନର ଲୋକକଳା, ବିଭିନ୍ନ ମନ୍ଦିର, ପୂଜା ପଦ୍ଧତିକୁ ଅନେକ ଡଲ୍ ମାଧ୍ୟମରେ ଦେଖିବାକୁ ମିଳିଥାଏ। ତେଣୁ ଏଭଳି ଡଲ୍‌ର ଚାହିଦା ଏଠାରେ ପ୍ରାୟ ଅଧିକ ରହିଥାଏ। ଆଉ ବହୁ ସମୟରେ ବିଭିନ୍ନ ଦେଶର ଲୋକଙ୍କୁ ଏଠାରେ ଦେଖିବାକୁ ମିଳନ୍ତି।



## ଶଙ୍କର ଇଣ୍ଟରନ୍ୟାଶନାଲ ଡଲ୍ ମ୍ୟୁଜିୟମ, ଭାରତ

ବିଶ୍ୱର ଅନେକ ମ୍ୟୁଜିୟମ୍ ସମ୍ପର୍କରେ ସୂଚନା ଦେବା ପରେ ଏଠାରେ ତୁମକୁ ପ୍ରସିଦ୍ଧ ଶଙ୍କର ଇଣ୍ଟରନ୍ୟାଶନାଲ ଡଲ୍ ମ୍ୟୁଜିୟମ୍ ବିଷୟରେ ସୂଚନା ଦେଉଛୁ। ଏହି ମ୍ୟୁଜିୟମ୍‌ର ସ୍ଥାପନା ୧୯୬୫ରେ ନୂଆଦିଲ୍ଲୀରେ ହେବା ସହ ଏହାକୁ ବିଶିଷ୍ଟ କାର୍ଟୁନିଷ୍ଟ ଶଙ୍କର ପିଲାଇଙ୍କ ନାମରେ ନାମିତ କରାଯାଇଥିଲା। ଏହି ମ୍ୟୁଜିୟମ୍‌ର ଖାସ୍ କଥା ହେଲା ବିଶ୍ୱର ଅନ୍ୟ କୌଣସି ଡଲ ମ୍ୟୁଜିୟମ୍‌ଠାରୁ ଡଲ୍ସ କଷ୍ଟ୍ୟୁମ୍ ଅଧିକ ମିଳିଥାଏ। ଏହି ମ୍ୟୁଜିୟମ୍‌ର କାହାଣୀ ବହୁତ ମଜାଦାର। ନିଜର ପଲିଟିକାଲ କାର୍ଟୁନ କାରଣରୁ ଶଙ୍କର ପିଲାଇଙ୍କୁ ଥରେ ହଙ୍ଗେରୀଙ୍କ ରାଜଦୂତ ଏକ ସୁନ୍ଦର ଡଲ ଉପହାର ଦେଇଥିଲେ। ଶଙ୍କରଙ୍କ ଦ୍ୱାରା ଆୟୋଜିତ ପିଲାଙ୍କ ପ୍ରତିଯୋଗିତାରେ ବିଜେତାଙ୍କୁ ଦେବା ଲାଗି ଏହି ଖେଳଣାଟି ତାଙ୍କୁ ଦିଆଯାଇଥିଲା। କିନ୍ତୁ ଶଙ୍କରଙ୍କୁ ଏହି ଖେଳଣାଟି ଏତେ ପସନ୍ଦ ଆସିଲା ଯେ, ସେ ଏହାକୁ ନିଜ ପାଖରେ ରଖିଦେଲେ। ଏହାପରେ ଶଙ୍କରଙ୍କର ଖେଳଣାଗୁଡ଼ିକ ପ୍ରତି ଆଗ୍ରହ ବଢ଼ିଲା। ପୁଣି ସେ ଦେଶ ବିଦେଶ ଯେଉଁଠିକି ବି ଯାଉଥିଲେ, ସେଠାରୁ ବିଭିନ୍ନ ପ୍ରକାର ଡଲ୍ସ କିଣି ଆଣୁଥିଲେ। ଏହି ମ୍ୟୁଜିୟମ୍‌ରେ ପ୍ରାୟ ୮୫ଟି ଦେଶରୁ ଆସିଥିବା ବିଭିନ୍ନ ପ୍ରକାର ଆକର୍ଷଣୀୟ ଡଲ୍ସ ଦେଖିବାକୁ ମିଳିଥାଏ।

## ବେନହାମ୍ ମ୍ୟୁଜିୟମ୍ ବୋଷ୍ଟନ୍, ୟୁଏସ୍ଏ

ଏହି ମ୍ୟୁଜିୟମ୍‌ରେ ବିଶ୍ୱରେ ଏମିତି କିଛି ଡଲ୍ସ କଲେକ୍‌ଶନ୍ କରି ରଖାଯାଇଛି, ଯେଉଁଥିରେ ପୂର୍ବ ପିଢ଼ିର ଚାଲିଚଳନ, ସେ ସମୟର ନିୟମକାନୁନ, ପରିଧାନ ଶୈଳୀ ବିଷୟରେ ଜାଣି ହୋଇଥାଏ। ଏହା ବ୍ୟତୀତ ବିଭିନ୍ନ ଦେଶ ବିଦେଶର ସଂସ୍କୃତି, ରୀତିନୀତି ବିଷୟରେ ସୂଚନା ଏସବୁ ଡଲ୍‌ରେ ଦେଖିବାକୁ ମିଳେ। କେବଳ ଏତିକି ନୁହେଁ, ଏଠାରେ ଇଣ୍ଟରନ୍ୟାଶନାଲ ଡଲ୍ ଇଣ୍ଡଷ୍ଟ୍ରୀ ବିଷୟରେ ସୂଚନା ମିଳିଯାଇଥାଏ। ୧୫୦୦ ମସିହାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଡଲ୍ ଏଠାରେ ରହିଛି। ପୋର୍ସେଲେନର ୟୁରୋପିୟାନ୍ ଡଲ୍ସ, ଇଣ୍ଟରନ୍ୟାଶନାଲ ଟ୍ରାଭେଲ ଡଲ୍ସ, ଆମେରିକାନ୍ କ୍ଲୋପ ଡଲ୍ସର ଅନେକ ପ୍ରକାର ଭେରାଇଟି ଏହି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାଏ। ଏଠାରେ 'କଲମ୍ବିଆ' ନାମରେ ଏକ ଐତିହାସିକ ଡଲ୍ ରଖାଯାଇଛି।

# ଆ ଇ ନା

ଶ୍ରେୟାଂଶୀ ପଟ୍ଟନାୟକ
୧୨ ବର୍ଷ/ନୟାଗଡ଼



ସମ୍ପର୍ଣ୍ଣା ଆନନ୍ଦ
୬ ବର୍ଷ/ଭୁବନେଶ୍ୱର

